# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**6 November - 2024**

**News Editor : Tapan Kumar Maharana**

*********************************

## ମୁଖ୍ୟ ସମ୍ବାଦ

- ଆମେରିକାର ରାଷ୍ଟ୍ରପତି ନିର୍ବାଚନରେ ରିପବ୍ଲିକାନ ପାର୍ଟି ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପ ବିଜୟୀ

– ଡୋନାଲ୍ଡ ଟ୍ରମ୍ପ ଏବେ ଆମେରିକାର ୪୭ତମ ରାଷ୍ଟ୍ରପତି

- ଟ୍ରମ୍ପଙ୍କ ବିଜୟ ଭାରତ ଆମେରିକା ସମ୍ପର୍କକୁ କରିବ ସୁଦୃଢ଼; କହିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

- ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ଓଡ଼ିଶାର ସ୍ଥାନ ସ୍ୱତନ୍ତ୍ର; କହିଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା

- ଦାରିଙ୍ଗିବାଡ଼ିରେ ଆମ୍ବ ଟାକୁଆ ଖାଇ ମୃତ୍ୟୁ ଓ ଅସୁସ୍ଥ ଘଟଣାରେ ଆରଡିସି ସ୍ତରୀୟ ତଦନ୍ତ ଆରମ୍ଭ

ଏବଂ

- ଚଳିତ ମାସ ୨୯ ତାରିଖରୁ ୩ ଦିନ ଧରି ଭୁବନେଶ୍ୱରରେ ହେବ ସର୍ବଭାରତୀୟ ପୁଲିସ ମହାନିର୍ଦ୍ଦେଶକଙ୍କ ସମ୍ମିଳନୀ

*Desk*

# ଆମେରିକା ନିର୍ବାଚନ

ଆମେରିକା ରାଷ୍ଟ୍ରପତି ନିର୍ବାଚନ-୨୦୨୪ରେ ରିପବ୍ଲିକାନ ପାର୍ଟିର ପ୍ରାର୍ଥୀ ତଥା ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବିଜୟ ଲାଭ କରିଛନ୍ତି। ଡେମୋକ୍ରାଟିକ ପାର୍ଟିର ପ୍ରାର୍ଥୀ କମଳା ହ୍ୟାରିସଙ୍କୁ ବିପୁଳ ଭୋଟରେ ପରାସ୍ତ କରି ସେ ଦ୍ୱିତୀୟ ଥର ପାଇଁ ଆମେରିକାର ରାଷ୍ଟ୍ରପତି ହେବେ। ମ୍ୟାଜିକ୍ ନମ୍ବର ୨୭୦ ଇଲେକ୍ଟୋରାଲ ଭୋଟ୍‌କୁ ଅତିକ୍ରମ କରି ଶ୍ରୀ ଟ୍ରମ୍ପ ବିଜୟ ହାସଲ କରିବା ପରେ ଫ୍ଲୋରିଡାରେ ଏକ ଜନସଭାକୁ ସମ୍ବୋଧନ କରି ଆମେରିକାରବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ଟ୍ରମ୍ପ କହିଛନ୍ତି, ଚଳିତଥରର ନିର୍ବାଚନ ଫଳାଫଳ ଆମେରିକାବାସୀ ପୂର୍ବରୁ କେବେ ଦେଖିନଥିଲେ । ଆମେରିକାବାସୀମାନେ ତାଙ୍କୁ ଚଳିତ ନିର୍ବାଚନରେ ସର୍ବାଧିକ ସମ୍ମାନ ଦେଇଛନ୍ତି । ଶ୍ରୀ ଟ୍ରମ୍ପ ୨୦୨୪ ନିର୍ବାଚନ ଜିତି ଆମେରିକାର ୪୭ତମ ରାଷ୍ଟ୍ରପତି ହେବେ ।

ଡୋନାଲ୍ଡ ଟ୍ରମ୍ପଙ୍କ ଐତିହାସିକ ନିର୍ବାଚନୀ ସଫଳତା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଶ୍ରୀ ମୋଦୀ ସାମାଜିକ ଗଣମାଧ୍ୟମରେ କହିଛନ୍ତି, ଟ୍ରମ୍ପଙ୍କ ବିଜୟ ଭାରତ-ଆମେରିକା ବୈଶ୍ୱିକ ଏବଂ ରଣନୈତିକ ଭାଗିଦାରୀକୁ ଆହୁରି ସୁଦୃଢ଼ କରିପାରିବ।

ଭାରତ ଏବଂ ଯୁକ୍ତରାଷ୍ଟ୍ର ଆମେରିକାର ଜନସାଧାରଣଙ୍କ ଉନ୍ନତି, ବିଶ୍ୱ ଶାନ୍ତି, ସ୍ଥିରତା ଏବଂ ସମୃଦ୍ଧିକୁ ପ୍ରୋତ୍ସାହିତ କରିବା ପାଇଁ ଉଭୟ ଦେଶ ମିଳିତ ଭାବେ କାର୍ଯ୍ୟ କରିବାକୁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ରିପବ୍ଲିକାନ୍ ଦଳର ନେତା ଶ୍ରୀ ଟ୍ରମ୍ପଙ୍କୁ କହିଛନ୍ତି।

***BBSR/R***

## ଉପମୁଖ୍ୟମନ୍ତ୍ରୀଙ୍କ ଲଣ୍ଡନ ଗସ୍ତ

ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ଓଡ଼ିଶାର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ଲଣ୍ଡନର ଏକ୍ସେଲ ସେଣ୍ଟରରେ ଅନୁଷ୍ଠିତ ୱାର୍ଲଡ ଟୁରିଜିମ୍ ମାର୍କେଟ୍-୨୦୨୪ରେ ଓଡ଼ିଶାର ପାଭିଲିୟନ୍‌କୁ ଉଦ୍‌ଘାଟନ କରିବା ଅବସରରେ ଶ୍ରୀମତୀ ପରିଡ଼ା ଏହା କହିଛନ୍ତି। ଏହି କାର୍ଯ୍ୟକ୍ରମରେ ବ୍ରିଟେନ୍‌ସ୍ଥିତ ଭାରତୀୟ ହାଇକମିଶନର ବିକ୍ରମ ଦୋରାଇସ୍ୱାମୀଙ୍କ ସହ ତେଲଙ୍ଗାନାର ପର୍ଯ୍ୟଟନ ମନ୍ତ୍ରୀ ଜୁପଲି କ୍ରିଷ୍ଣାରାଓ ଓ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରଣାଳୟର ମହାନିର୍ଦ୍ଦେଶିକା ମୁଗ୍ଧା ସିହ୍ନା ମଧ୍ୟ ଉପସ୍ଥିତ ଥିଲେ। ଓଡ଼ିଶା ପର୍ଯ୍ୟଟନର ବିକାଶ ନିମନ୍ତେ ଶ୍ରୀମତୀ ପରିଡ଼ାଙ୍କ ନେତୃତ୍ୱରେ ଲଣ୍ଡନ ଗସ୍ତ କରିଥିବା ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ବ୍ରିଟେନ୍ ସ୍ଥିତ ପ୍ରମୁଖ ନିବେଶକ, ଅଂଶୀଦାର ଓ ଉଦ୍ୟୋଗୀମାନଙ୍କ ସହ ଆଲୋଚନା କରିଛନ୍ତି।

ଓଡ଼ିଶାର ସାଂସ୍କୃତିକ ଐତିହ୍ୟ ପ୍ରାକୃତିକ ସୌନ୍ଦର୍ଯ୍ୟ ଏବଂ ସମୃଦ୍ଧ ପରମ୍ପରା ସମସ୍ତ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ ବୋଲି  ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ତି ।

***BBSR/R***

## ଅନ୍ତର୍ଜାତୀୟ ଶ୍ରୀଅନ୍ନ ସମ୍ମିଳନୀ

କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ନଭେମ୍ବର ୧୦ ଓ ୧୧ ତାରିଖରେ ଭୁବନେଶ୍ୱରସ୍ଥିତ ଲୋକସେବା ଭବନରେ ଦୁଇଦିନିଆ 'ଅନ୍ତର୍ଜାତୀୟ ଶ୍ରୀଅନ୍ନ' ଏବଂ 'ବିସ୍ତୃତ ଖାଦ୍ୟ ସମ୍ମିଳନୀ' ଅନୁଷ୍ଠିତ ହେବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ସମ୍ମିଳନୀକୁ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି । ଏଥିରେ ଓଡ଼ିଶାର 'ଶ୍ରୀଅନ୍ନ ଓ କୃଷି ଐତହ୍ୟ' ଶୀର୍ଷକ ବିଷୟବସ୍ତୁ ଉପରେ ଆଲୋଚନା କରାଯିବା ସହ ଖାଦ୍ୟ ନିରାପତ୍ତା, ନିରନ୍ତର କୃଷି ପଦ୍ଧତି ଓ ବିସ୍ତୃତ ଖାଦ୍ୟର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ପ୍ରୋତ୍ସାହନ ଦିଆଯିବ । ଏ ନେଇ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ଅନୁଷ୍ଠିତ ବୈଠକରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ସୂଚନା ଦେଇଛନ୍ତି ।

***BBSR/R***

## ମୁଖ୍ୟମନ୍ତ୍ରୀ – ସମୀକ୍ଷା

ସାଧାରଣ ବଣ୍ଟନ ବ୍ୟବସ୍ଥାରେ ହିତାଧିକାରୀମାନଙ୍କୁ ୩ ମାସର ଅଗ୍ରୀମ ଚାଉଳ ପ୍ରଦାନ କରିବାପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଖାଦ୍ୟ

ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ପ୍ରକ୍ରିୟା ଅକ୍ଟୋବର ମାସ ପହିଲାରୁ ଆରମ୍ଭ ହୋଇଥିଲେ ମଧ୍ୟ ୪୦ ଲକ୍ଷ ପରିବାର ଏପର୍ଯ୍ୟନ୍ତ ଚାଉଳ ପାଇ ନ ଥିବାରୁ ସେମାନଙ୍କୁ ଚାଉଳ ତୁରନ୍ତ ବଣ୍ଟନ କରିବାପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଇ-ଶ୍ରମିକ ବର୍ଗରେ ପଞ୍ଜୀକରଣ କରିଥିବା ସବୁ ଶ୍ରମିକଙ୍କୁ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ସାମିଲ୍ କରିବାପାଇଁ ରାଜ୍ୟ ସରକାର ପଦକ୍ଷେପ ନେଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

***HS***

## ଆମ୍ବ ଟାକୁଆ- ମୃତ୍ୟୁ

କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ିଠାରେ ଆମ୍ବଟାକୁଆ ଜାଉ ଖାଇ ୨ ମୃତ ଓ ୬ ଅସୁସ୍ଥ ଘଟଣାର ଆରଡିସି ସ୍ତରୀୟ ତଦନ୍ତ ଆରମ୍ଭ ହୋଇଛି। ଏନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ତଦନ୍ତ ନିର୍ଦ୍ଦେଶ ପରେ ଆଜି ପୂର୍ବାହ୍ଣରେ ମାଣ୍ଡିପଙ୍କା ଗାଁରେ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ରୁପା ରୋଶନ ସାହୁ ପହଞ୍ଚିଛନ୍ତି । ଆରଡିସିଙ୍କ ସହିତ କନ୍ଧମାଳ ଜିଲ୍ଲାପାଳ ଅମ୍ରିତ ଋତୁରାଜ ଏବଂ ଜିଲ୍ଲାସ୍ତରୀୟ ଅନ୍ୟ ଅଧିକାରୀମାନେ ମଧ୍ୟ ଉପସ୍ଥିତ ରହିଛନ୍ତି ।

ସୂଚନାଯୋଗ୍ୟ, ଗତ କିଛି ଦିନ ତଳେ ଦାରିଙ୍ଗବାଡ଼ି ବ୍ଲକ ଅନ୍ତର୍ଗତ ମାଣ୍ଡିପଙ୍କା ଗ୍ରାମରେ ଆମ୍ବ ଟାକୁଆରେ ପ୍ରସ୍ତୁତ ଜାଉ ଖାଇ ୨ ଜଣ ମହିଳାଙ୍କ ମୃତ୍ୟୁ ଘଟିଥିଲା । ୬ ଜଣ ଅସୁସ୍ଥ ହୋଇଥିଲେ । ସେମାନଙ୍କ ମଧ୍ୟରୁ ୨ ଜଣ ବର୍ତ୍ତମାନ କଟକ ବଡ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି।

*Desk*

## ଡି.ଜି.ପି. ସମ୍ମିଳନୀ

ଚଳିତ ମାସ ୨୯ ତାରିଖରୁ ଡିସେମ୍ବର ୧ ତାରିଖ ପର୍ଯ୍ୟନ୍ତ ତିନିଦିନିଆ ସର୍ବଭାରତୀୟ ପୁଲିସ୍ ମହାନିର୍ଦ୍ଦେଶକମାନଙ୍କର ସମ୍ମିଳନୀ ଭୁବନେଶ୍ୱରରେ ଅନୁଷ୍ଠିତ ହେବ । ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ପୁଲିସ୍ ମହାନିର୍ଦ୍ଦେଶକ, ଗୁଇନ୍ଦା ନିର୍ଦ୍ଦେଶକ, ସି.ଆର୍.ପି.ଏଫ୍., ବି.ଏସ୍.ଏଫ୍., ସି.ବି.ଆଇ., ସି.ଆଇ.ଏସ୍.ଏଫ୍., ରେଳବାଇ ପୁଲିସ ସମେତ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅଧୀନରେ ଥିବା ବିଭିନ୍ନ କେନ୍ଦ୍ରୀୟ ପୁଲିସ ସଙ୍ଗଠନର ମହାନିର୍ଦ୍ଦେଶକମାନେ ସମ୍ମିଳନୀରେ ଯୋଗଦେବେ । ରାଜ୍ୟରେ ପ୍ରଥମ ଥରପାଇଁ ସର୍ବଭାରତୀୟ ସ୍ତରରେ ପୁଲିସ ମହାନିର୍ଦ୍ଦେଶକମାନଙ୍କର ସମ୍ମିଳନୀ ପାଇଁ ବ୍ୟାପକ ପ୍ରସ୍ତୁତି ଚାଲିଛି ।

*Nayagada*

## କୃଷକ ସଚେତନତା ରଥ

କୃଷକଙ୍କ ମଧ୍ୟରେ ଲଘୁଶସ୍ୟ ସମ୍ପର୍କିତ ସଚେତନତା ପାଇଁ ନୟାଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଏକ ସଚେତନତା ରଥ ପରିକ୍ରମା ଆରମ୍ଭ ହୋଇଛି । ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଛନ୍ତି । ଜିଲ୍ଲା କୃଷି ଅଧିକାରୀ, ସହକାରୀ କୃଷି ନିର୍ଦ୍ଦେଶକ ଓ ଅନ୍ୟାନ୍ୟ କର୍ମଚାରୀମାନେ ଯୋଗ ଦେଇଥିଲେ । ସଚେତନତା ରଥ ନୟାଗଡ଼ ଜିଲ୍ଲାର ଓଡ଼ଗାଁ, ନୂଆଗାଁ, ଗଣିଆ, ଦଶପଲ୍ଲା

ଏବଂ ଭାପୁର ବ୍ଲକର ବିଭିନ୍ନ ଗ୍ରାମରେ ପରିକ୍ରମା କରି କୃଷକଙ୍କ ମଧ୍ୟରେ ଲଘୁଶସ୍ୟର ଉପାଦେୟତା ସମ୍ପର୍କରେ ପ୍ରଚାର ଓ ପ୍ରସାର କରିବ ।

***Desk***

## ନୀତିଆୟୋଗ-ଜଳ ଉତ୍ସବ

ଜଳ ପରିଚାଳନା, ସଂରକ୍ଷଣ ଏବଂ ଦୀର୍ଘସ୍ଥାୟୀ ନେଇ ସଚେତନତା ସୃଷ୍ଟିକରିବା ଲକ୍ଷ୍ୟରେ ନୀତି ଆୟୋଗ ପକ୍ଷରୁ ଆଜି ୧୫ଦିନିଆ ଜଳ ଉତ୍ସବ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି । ଗତବର୍ଷ ଡିସେମ୍ବର ମାସରେ ଅନୁଷ୍ଠିତ ତୃତୀୟ ସଚିବସ୍ତରୀୟ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନଦୀ ଉତ୍ସବକୁ ଆଧାର କରି ଜଳ ଉତ୍ସବର ପରିକଳ୍ପନା କରିଥିଲେ । ପ୍ରଧାନମନ୍ତ୍ରୀଙ୍କ ଜଳ ଉତ୍ସବ ପରିକଳ୍ପନାକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ନୀତି ଆୟୋଗ ପକ୍ଷରୁ ଜଳ ଉତ୍ସବ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି । ନୀତି ଆୟୋଗ ପକ୍ଷରୁ କୁହାଯାଇଛି ଆଜିଠାରୁ ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ୨୦ଟି ଆକାଂକ୍ଷୀ ଜିଲ୍ଲା ଏବଂ ବ୍ଲକ ଗୁଡ଼ିକରେ ଜଳ ଉତ୍ସବ କାର୍ଯ୍ୟକାରୀ କରାଯିବ । ଜାତୀୟ ଜଳଜୀବନ ମିଶନ, ପାନୀୟଜଳ ଓ ପରିମଳ ବିଭାଗ ଏବଂ ଜଳଶକ୍ତି ମନ୍ତ୍ରଣାଳୟର ଭାଗିଦାରିତାରେ ଏହି କାର୍ଯ୍ୟକ୍ରମ କରାଯିବ । ଜଳ ସମ୍ପଦର ସଂରକ୍ଷଣ ଓ ସୁରକ୍ଷା ନିମନ୍ତେ ୨୦ଟି ରାଜ୍ୟରେ ଜଳ ଉତ୍ସବ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଜଳର ସୁ-ପରିଚାଳନା ନିମନ୍ତେ ବ୍ୟବହାରକାରୀ ଏବଂ ସଂସ୍ଥାଗୁଡ଼ିକ ମଧ୍ୟରେ

ଦାୟିତ୍ୱବୋଧତା ସୃଷ୍ଟି କରିବା ଲକ୍ଷ୍ୟରେ ଏହା କାର୍ଯ୍ୟକ୍ରମ କରାଯାଉଛି । ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ମଧ୍ୟ ଜଳ ପରିଚାଳନା କାର୍ଯ୍ୟକ୍ରମରେ ସାମିଲ କରାଯାଇଛି । ସେମାନେ ମଧ୍ୟ ପରିବାର ଏବଂ ପାରିପାର୍ଶ୍ୱିକ ଅଞ୍ଚଳରେ ଜଳର ସଂରକ୍ଷଣ ନେଇ ସଚେତନତା ସୃଷ୍ଟି କରିବା ଦିଗରେ କାର୍ଯ୍ୟ କରିପାରିବେ ବୋଲି ନୀତିଆୟୋଗ ପକ୍ଷରୁ କୁହାଯାଇଛି ।

***Desk***

# ନୂଆ ଏନ୍.ଏ.ସି.

ରାଜ୍ୟରେ ପ୍ରସ୍ତାବିତ ୫୭ଟି ନୂଆ ବିଜ୍ଞପିତ ଅଞ୍ଚଳ ପରିଷଦ - ଏନ୍.ଏ.ସି. ଗଠନ ଏବଂ ୬ଟି ଏନ୍.ଏ.ସି.କୁ ପୌର ପରିଷଦ କରିବାପାଇଁ ରାଜ୍ୟ ସରକାର ଜିଲ୍ଲାପାଳମାନଙ୍କଠାରୁ ସୂଚନା ମାଗିଛନ୍ତି । ଜିଲ୍ଲାଗୁଡ଼ିକରୁ ପୂର୍ଣ୍ଣାଙ୍ଗ ପ୍ରସ୍ତାବ ଆସିବା ପରେ ଏନ୍.ଏ.ସି. ଏବଂ ପୌର ପରିଷଦ ସ୍ଥାପନ ନେଇ ସରକାର ଚୂଡ଼ାନ୍ତ ନିଷ୍ପତ୍ତି ନେବେ ବୋଲି ଗୃହ ବିଭାଗ ପକ୍ଷରୁ ସୂଚନା ମିଳିଛି ।

***Ganjam***

# ମନ୍ଦିର ହୁଣ୍ଡି ଚୋରି

ଗଞ୍ଜାମ ଜିଲ୍ଲାର ଇଷ୍ଟଦେବୀ ତଥା ଆଦିଶକ୍ତି ମା’ ତାରାତାରିଣୀଙ୍କ ପୀଠରୁ ଗତକାଲି ରାତିରେ ଚୋରି ହୋଇଥିବା ଅଭିଯୋଗ ହୋଇଛି ।

ମା'ଙ୍କର ଦୁଇଟି ରୁପା ମୁକୁଟ ଏବଂ ହୁଣ୍ଡି ଭାଙ୍ଗି ଟଙ୍କା ଚୋରି ହୋଇଥିବା ଅଭିଯୋଗ ହୋଇଛି। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଁଞ୍ଚି  ତଦନ୍ତ ଆରମ୍ଭ କରିଛି।

***HS***

## ପଣ୍ଡିତ ନୀଳକଣ୍ଠଙ୍କୁ ଶ୍ରଦ୍ଧାଞ୍ଜଳି

ବିଶିଷ୍ଟ ରାଜନୈତିଜ୍ଞ, ସାହିତ୍ୟିକ, ତଥା ସମାଜ ସଂସ୍କାରକ ପଣ୍ଡିତ ନୀଳକଣ୍ଠ ଦାସଙ୍କ ଆଜି ପୁଣ୍ୟତିଥି ଅବସରରେ କୃତଜ୍ଞ ରାଜ୍ୟବାସୀ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ  ମାଝୀ ସାମାଜିକ ଗଣମାଧ୍ୟମରେ ମହାନ ସ୍ୱାଧୀନତା ସଂଗ୍ରାମୀ, ଦାର୍ଶନିକ ପଣ୍ଡିତ ନୀଳକଣ୍ଠ ଦାସଙ୍କ ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଜଣେ ସ୍ୱାଭିମାନୀ ରାଷ୍ଟ୍ରନୀତିଜ୍ଞ ଭାବେ ସମାଜ ଗଠନରେ ତାଙ୍କର ଅବଦାନ ସର୍ବଦା ବନ୍ଦନୀୟ ଥିଲା ମୁଖ୍ୟମନ୍ତ୍ରୀ କହିଛନ୍ତି।

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସାମାଜିକ ଗଣମାଧ୍ୟମରେ ଓଡ଼ିଶାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ଓଡ଼ିଆ ଭାଷା ସାହିତ୍ୟର ଅନ୍ୟତମ ସାରସ୍ୱତ ସାଧକ ପଣ୍ଡିତ ନୀଳକଣ୍ଠ ଦାସଙ୍କ ପୁଣ୍ୟତିଥିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।

*Kendrapara*

## ପଲ୍ଲିଶ୍ରୀ ମେଳା

କେନ୍ଦ୍ରାପଡ଼ାଠାରେ ପଲ୍ଲିଶ୍ରୀ ମେଳା ଆସନ୍ତା ମାସ ୨୦ରୁ ୨୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପଲ୍ଲିଶ୍ରୀ ମେଳାର ପ୍ରସ୍ତୁତି ସମ୍ପର୍କରେ ଆଲୋଚନା ହୋଇଥିଲା। ପଲ୍ଲିଶ୍ରୀ ମେଳାରେ ସ୍ୱୟଂସହାୟକ ଗୋଷ୍ଠୀଗୁଡ଼ିକ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ବିକ୍ରିବଟା କରାଯିବ ଏବଂ ସେମାନଙ୍କର ଆର୍ଥିକ ଉନ୍ନତି ଉପରେ ଗୁରୁତ୍ୱ ପ୍ରଦାନ କରାଯିବ ବୋଲି ବୈଠକରେ ଜିଲ୍ଲାପାଳ କହିଛନ୍ତି।

*Bhadrak/R*

## ଭଦ୍ରକାଳୀ

ଭଦ୍ରକରେ ଅନୁଷ୍ଠିତ ହେଉଥିବା କାଳୀପୂଜା ଆଜି ଉଦ୍‌ଯାପିତ ହେଉଛି। ଅଧିଷ୍ଠାତ୍ରୀ ଦେବୀ ମା' ଭଦ୍ରକାଳୀ ଆଜି ମହାଲକ୍ଷ୍ମୀ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଛନ୍ତି । ଆସନ୍ତା ଶୁକ୍ରବାର କାଳୀମେଢ଼ ଭସାଣ ଅନୁଷ୍ଠିତ ହେବ ।

*Desk*

## ପାଣିପାଗ

ରାଜ୍ୟର କେତେକ ଅଞ୍ଚଳରେ ରାତି ତାପମାତ୍ରା କମୁଛି । ପାଣିପାଗ ବିଭାଗର ସୂଚନା ଅନୁସାରେ ସେମିଳିଗୁଡ଼ା, ଜି. ଉଦୟଗିରି, ଦାରିଙ୍ଗିବାଡ଼ିରେ ତାପମାତ୍ରା ୧୫ ଡିଗ୍ରୀ ସେଲ୍‌ସିୟସ୍‌ରୁ କମ୍ ରହିଛି । ଉପକୂଳ ଅଞ୍ଚଳଗୁଡ଼ିକରେ ରାତି ତାପମାତ୍ରା ସ୍ୱାଭାବିକଠାରୁ ଅଧିକ ଥିବା ଜଣାପଡ଼ିଛି । ଆସନ୍ତା ଶୁକ୍ରବାର ପର୍ଯ୍ୟନ୍ତ ଉପକୂଳ ଓଡ଼ିଶାର କେତେକ ଅଞ୍ଚଳରେ ସାମାନ୍ୟ ବର୍ଷାର ସମ୍ଭାବନା ଥିବା ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି ।